ଶବରୁଣୀର ପଞ୍ଚପୁତ୍ରଙ୍କର ପୂର୍ବ ବୃତ୍ତାନ୍ତ

ଅଗସ୍ତିଙ୍କି ପୁଚ୍ଛା କଲେ ବଇବସୁତ ମନୁ
ବଡ ଦୁଲଭ କଥା କୁମ୍ଭ ଋଷିଙ୍କ ତନୁ ।୧ ।
କେଉଂଣ ପାତକ ୟେହୁ କରିଥିଲେ ପୂର୍ବେ
ବିନା ଦୋଷେ କେମନ୍ତେ ଦହନ ହୋଇଲେ ଅପ୍ରସ୍ତାବେ ।୨ ।
ୟେହେ କହିବା ମୋତେ ପଣ୍ଡିତ ଭିଗ୍ୟ ଯତି
ଶୁଣିଣ ମହାତମା ଯେ ଫିଟିବ ମନ ଭ୍ରାନ୍ତି ।୩ ।
କହନ୍ତି ଅଗସ୍ତି ଶୁଣ ହୋ ସାବଧାନେ
ପୂର୍ବର କୃତ୍ୟେ ଦହନ ହୋଇଲେ ଶବରୁଣୀ ପୁତ୍ରମାନେ ।୪ ।
ବିଝଂକଣ୍ଢ ଦେଶ ରାଜା ଗାଧି ଯେ ନୃପତି
ଭୋଜବଂଶେଣ ସେହୁ ଅଟଇ ଆଧିପତି ।୫ ।
ସେ ଗାଝିର ନନ୍ଦନ ଯେ ବିଶ୍ୱାମିତ୍ର ରାଜା
ମଞ୍ଜେଣ ନରପତି ସେ ଜାଣିଣ ବିଡୋଜା ।୬ ।

------------------------

୬ ।୧ ବିଡୋଜା-ଇନ୍ଦ୍ର

ଦିଗବିଜେ କରଇ ଯେ ସମସ୍ତ ଦିଗେ ପଶି
ଅନେକ ରାକ୍ଷସ ସେ ମାରଇ ଆଦ୍ରେଷି ।୭ ।
ପଦ୍ମେକ ରଥ ତାର ବେନି ପଦ୍ମ ହସ୍ତୀ
ଚାରି ସାଗର ଅଶ୍ୱ ସାତ କ୍ଷଉଣୀ ପାଦାନ୍ତି ।୮ ।
ୟେତେକ ଘେନି ରାଜା କରଇ ଦିଗବିଜେ
ବନ ଅରଣ୍ୟେ ଖେଦି ମାରଇ ଦନୁଜେ ।୯ ।
ମକର ଶୁକଳ ପକ୍ଷ ନବମୀର ତିଥି
ସେ ଦିନ ଦିଗବିଜେ କଲା ବିଶ୍ୱାମିତ୍ର ନୃପତି ।୧୦ ।
ଅରଣ୍ୟେ ଖେଦଇ ରାଜା ଅନ୍ନପାଣି ନାହିଂ
ଦଶମୀ ୟେକାଦଶୀ ଯେ ଖେଦଇ ଯେ ଅବଗାହି ।୧୧ ।
ତିନି ଦିନ ଉପାସେ ଭେଟିଲେ ସତ୍ତ ଭ୍ରମେ
ଯାନ୍ତେଣ ଭେଟିଲେ ଯାଇଂ ବଶିଷ୍ଠଙ୍କ ଆଶ୍ରମେ ।୧୨ ।
ଦେଖିଣ ବଶିଷ୍ଠେ ତାଙ୍କୁ କଲେକ ଅର୍ଘ୍ୟ ପୂଜା
ବୋଇଲେ ଅତି ଶ୍ରମେ କାହିଂ ଥିଲା ମହାରାଜା ।୧୩ ।
ରାଜା ପ୍ରତିବାକ୍ୟ ଅସୁର ଉପର୍ଦପେ ଖେଦିଲୁ ବନବାସେ
ମାଇଲି ଅନେକ ଦୁଷ୍ଟ ପିଚାଶ ରାକ୍ଷସେ ।୧୪ ।
ଅଶକତେ ଚାଲି ନୁଆରନ୍ତି ବଳ
ତିନି ଦିବସ ହେଲାନି ନାହିଂ ଅନ୍ନ ମେଳ ।୧୫ ।
ବଶିଷ୍ଠେ ବୋଇଲେ ଶୁଣ ବିଶ୍ୱାମିତ୍ର ରାୟେ
ଆମ୍ଭର ତହିଂ ଅଛି ଅନ୍ନ ଯେ ପୁତାୟେ ।୧୬ ।
ଗୋଟି ଚାରି ଭୁଞ୍ଜି ତୁ ଯାଅ ନୃପମଣି
ବିଶ୍ୱାମିତ୍ର ବୋଇଲେ ମୋହୋର ବଳ ସାତ କ୍ଷଉଣୀ ।୧୭ ।
ବଶିଷ୍ଠେ ବୋଇଲେ ସନ୍ୟ ଘେନିଣ ବସିବା ବିଶ୍ୱାମିତ୍ରେ
ସମସ୍ତେ ହେଂ ବାଣ୍ଟି ଭୁଞ୍ଜ ଅନ୍ନ ଅଛି ଯେତେ ।୧୮ ।

--------------------

୧୨ {ତିନିଦିନ ଉତ୍ତାରେ ସେ ବନେ ଭ୍ରମନ୍ତେଣ
{ଭେଟିଲେ ସେ ଋଷିବର ବଶିଷ୍ଠ ଆଶ୍ରମ ।
୧୨ ।୧ ସତ୍ତ- ସତ୍ତ୍ୱ, ବଳ, ଶରୀର

ବଶିଷ୍ଟେ ବୋଇଲେ ପାତ ହୋ ଶାଳ ପତ୍ର ଗୁଡାୟେ
ସମସ୍ତେ ସିଅଂ ଦନା ଗୋଟିୟେ ।୧୯ ।
ସୁମନ୍ତଙ୍କୁ ବୋଇଲେ ତୁ ଦୁହଂ ଗାଇ ଗୋଟି
ମେଞ୍ଜନ ଯେ ନାହିଂ ଦେବା ଦୁଧ ଫୁଟି ।୨୦ ।
ବଶିଷ୍ଠଙ୍କର ଭାରିଯା ଯେ ଅଟନ୍ତି ଅରୁନ୍ଧତୀ
ଭାତ ଓରିୟା ସେ ରାନ୍ଧିଣ ଅଛନ୍ତି ।୨୧ ।
ସାତ କ୍ଷଉଣୀ ବଳ ଘେନି ଯେ ସେହି ବନସ୍ତେ
ତିନି ଯୋଜନା ମାଡି ବସିଲେ ବିଶ୍ୱାମିତ୍ରେ ।୨୨ ।
ବଶିଷ୍ଠଙ୍କ ଚେଲା ପଞ୍ଚାଶ ସହସ୍ର ଯେ ଶିଷି
ଅରୁନ୍ଧତୀ ଢାଳୀ ଦିଅନ୍ତି ଯେ ସମସ୍ତେ ପରଶି ।୨୩ ।
ଗାଇ ଗୋଟିକର ଦୁଧ ଓରିୟା ଗୋଟିକର ଭାତେ
ଯାହାକୁ ଯେତେକ ଅଣ୍ଟଇ ଭୁଞ୍ଜନ୍ତି ସମସ୍ତେ ।୨୪ ।
ଦିନ ଅର୍ଦ୍ଧେ ରାଜା ମୁଣୋହିଂ ରେ ବିଜେ କଲା
ଆଦିତ୍ୟ ଅସ୍ତ ଯାକେ ମୁଣୋହିଂ ସରିଲା ।୨୫ ।
ସମସ୍ତ ସଇନି ଭୁଞ୍ଜି ହୋଇଲେ ତ୍ରିପୁତି
ଆଚୋଂବନ ସାରି ଆସ୍ତାନେ ବିଜେ ନରପତି ।୨୬ ।
ବିଶ୍ୱାମିତ୍ରେ ବୋଇଲେ ଶୁଣିମା ମୁନି ହେ
ବଡାଇ ଆଶ୍ରିଜ ଦେଖିଲୁ ସନ୍ଦେହେ ।୨୭ ।
ଗାଇ ଗୋଟିକର ଦୁଧ ଓରିୟା ଗୋଟିକର ଭାତ
ୟେତେକ ଅଣ୍ଟିଲା ମୋର ସାତ କ୍ଷଉଣୀ ସନ୍ୟ ବଳବନ୍ତ ।୨୮ ।
ବଶିଷ୍ଠ ପ୍ରତିବାକ୍ୟ ଶୁଣ ବିଶ୍ୱାମିତ୍ର ରାୟେ
ଆହୁରି ହୋଇବ ନା ପଖାଳ ଗୁଡାୟେ ।୨୯ ।
ବିଶ୍ୱାମିତ୍ର ବୋଇଲେ ଶୁଣିମା ତପନିଷ୍ଠି
ମୋତେ ଦେବା ୟେ ତୁମ୍ଭର ଗାଇ ଗୋଟି ।୩୦ ।
ସହସ୍ରେକ ଧେନୁ ଗାବ ମୁହିଂ ଦେବଇଂ ତୁମ୍ଭଙ୍କୁ
ବଶିଷ୍ଟେ ବୋଇଲେ ଲୋକ କେ ଆମ୍ଭର ସମ୍ଭାଳିବାକୁ ।୩୧ ।
ୟେକା କାମଧେନୁ ମୋର ଅଟଇ ଯୁଗତେ
ବିୟାଣେ ବିଆଇଲେ ଦୁହୁଂ ମନୁୟେ ପରିଯନ୍ତେ ।୩୨ ।
ତୁ ରାଜା ମହା ପଣ୍ଡିତ ଅଟୁ ଭିଗଂୟବନ୍ତେ
ବ୍ରାହ୍ମଣ ଗାବ ଯେ ହରିବୁଂ କେମନ୍ତେ ।୩୩ ।
ଶୁଣି ବିଶ୍ୱାମିତ୍ରେ ତୁନୀ ଯେ ହୋଇଲେ
ଦୁଷ୍ଟ ଜନ ମାନେ ଯେ ରାଜାଙ୍କୁ ଜଣାଇଲେ ।୩୪ ।
ଚାଲ ହୋ ୟେବେ ବନସ୍ତ ଠାବରେ ଗୋପ୍ୟ ହୋଇଥିବା
ଚରିବା ଠାବରୁ ଗାବ ଅଡାଇଣ ନେବା ।୩୫ ।
ଦୁଷ୍ଟଙ୍କରବଚନେ ଯେ ବିଶ୍ୱାମିତ୍ର ରାଜା
ମୁଂ ୟେଠାରେ ଋଷିଙ୍କି ବୋଲୁଥାଇଂ ତେଣେ ଅଡାଇ ନିଅଯା ।୩୬ ।
ରାଜାର ବଚନେ ଚଳିଲେ ବୀର ଦୁଷ୍ଟେ
ଗାଇ କି ଭେଟିଲେ ଯାଇ ବଇତରଣୀ ନଦୀ ତଟେ ।୩୭ ।
ଏଡାଇ ନେମାକୁ ବୁଦ୍ଧିୟେ କଲେ ମହାରଥା
ଦୁଷ୍ଟନ୍ତ ଦେଖି କୋପ କଲେ ଜଗତ ମାତା ।୩୮ ।
ଖୁରି ଖାଇ ଲାଦେ ଦେବୀ ଚାହିଂଲେ କୋପ ଦୃଷ୍ଟି
ଦେଖି ତା ମହାବୀରେ କରେ ଧଇଲେ ଯାଠି ।୩୯ ।
ଦେଖିଣ ଗୋ ମାତା ମାଇଲେ ମେଇ ସିଙ୍ଘେ
ଫୁଟିଲେ ଅଶ୍ୱ ଯୋଦ୍ଧାୟେ ପଳାବନ୍ତି ବେଗେ ।୪୦ ।
ସହସ୍ରେକ ଯୋଦ୍ଧାୟେ ଯେ ବେଢିଥିଲେ ଗାଇ

ରାଗେଣ ମହାଦେଈ ମାଇଲେ ଗୋଡାଇ ।୪୧ ।
ଋଷି ଯହୁଂ ଗାଈ ନ ଦିଲେ ମାଗନ୍ତେ
ସମଦଣ୍ଡ ଘେନି ଆସି ବେଢିଲେ ବିଶ୍ୱାମିତ୍ରେ ।୪୨ ।
ଦେଖିଲେ ଯୋଦ୍ଧାମାନେ ସମସ୍ତେ ଛନ୍ତି ପଡି
ସୁଖେଣ ଗୋ ମାତା ନଦୀରେ ପାଣି ହେରି ।୪୩ ।
ଦେଖିଣ ଆଗ୍ୟାଂ ଦିଲେ ବିଶ୍ୱାମିତ୍ର ରାଜା
ସଇନିକି ବୋଇଲେ ରେ ଅତାଇ ଆଣ ଯା ।୪୪ ।
ରାଜାର ବଚନେ ଧାଇଂଲେ ବେଗେ ଥାଠ
ଗଜ ଅଶ୍ୱ ଯୋଦ୍ଧାୟେ ମହା ମହା ବଳିଷ୍ଠ ।୪୫ ।

---------------------------

୪୩ ।୨ ସୁଖେଣ ଗୋ ମାତା ନଦୀରେ ପାଣି ପିୟେ ଚରି (ପା)
୪୩ ।୨ ହେରି-ହରଣ କରିବା, ଗ୍ରହଣ କରିବା, ପାନ କରିବା- ଧାତୁର ଅନେକାର୍ଥତ୍ୱ ହେତୁ ।

ଲକ୍ଷେ ପୁର କରିଣ ସେ ବେଢିଲେ ଗାଈଙ୍କି
ଗୋ ମାତାର କୋପ ଯେ ବଢିଲା ଥାଠ ଦେଖି ।୪୬ ।
ବେନି ଶିଙ୍ଘେ ହୋଇଲେ ତାର ପରଶୁ ତୀକ୍ଷ କାତୀ
ନିଶ୍ୱାସ ବହିଲା ପବନ ଅଣଚାଶ ମୂର୍ତ୍ତି ।୪୭ ।
ପାଦ ହୋଇଲେ ତାର ଅସିବର ତୀକ୍ଷ ମୂନା
ପିଠିର ଚର୍ମ ତାର ହୋଇଲା ବଜ୍ର ସେହ୍ନା ।୪୮ ।
ରୋମେ ହୋଇଲେ ଦେବୀଙ୍କର ଅସ୍ତି ତୀକ୍ଷ ବାଣ
ଝାଡନ୍ତେ ବର୍ଷିଲା ଯାଇ ସନ୍ୟଙ୍କ ଶରୀର ଉପରେଣ ।୪୯ ।
ଘାୟେଣ ସନ୍ୟ ଦଣ୍ଡ ଯେ ପଡିଲେ ନିମଜାଇ
ଯମ ଦେବତା ପାଞ୍ଜି ପୋଛିଲା ସବୁନ୍ତି ହିଂ ।୫୦ ।
ହତ୍ୟାକୁ ବିମୋଚନ କଲେ ସର୍ବ ସଇନି
ରାଗେଣ ବିନ୍ଧିଲେ ଧନୁ ଶସ୍ତ୍ର ଘେନି ।୫୧ ।
ଶହସ୍ରମାନ ପଡିଲେ ଗାଈର ଶରୀରେ
ବଜ୍ର ଛଉରିରେ ପଡି ଉଛୁଡନ୍ତି ଶରେ ।୫୨ ।
ନିଶ୍ୱାସ ଛାଡିଲେ ଦେବୀ ଅତି କୋପଭରେ
ବିଶ୍ୱାମିତ୍ର ସଇନି ଉଡି ପଡିଲେ ଅପାର ଦୂରରେ ।୫୩ ।
ପବନ ବହିଲା କି ଅଣଚାଶ ମୂର୍ତ୍ତି ଘେନି
ଯେ ଯହିଂ ପଡିଲେ ସେ ଲୋଟିଲେ ଧରଣୀ ।୫୪ ।
ସାତ କ୍ଷଉଣୀ ବଳ ଯେ ବିଶ୍ୱାମିତ୍ରଙ୍କର ଥିଲା
ୟେକା ଗୋ ମାତାର କୋପେ ସମସ୍ତ ନାଶ ଗଲା ।୫୫ ।
ତେର ଜଣ ଘେନି ରାଜା ଗଲା ସନ୍ୟ ଭଗ୍ନ ହୋଇ
ଭାରଦ୍ୱାଦଶଙ୍କ ଆଶ୍ରମେ ପ୍ରବେଶିଲା ଯାଇଂ ।୫୬ ।
ଭାରଦ୍ୱାଦଶ ବୋଇଲେ ତୋର ସନ୍ୟ କାହିଂ ବିଶ୍ୱାମିତ୍ର
ସନ୍ୟର ବିହୁନେ ରାଜା ଦିଶୁତ ବିପରୀତ ।୫୭ ।
କାହାର ତୁଲେ ରାଜା ହୋଇଲୁ ବିବାଦୀ
ସକଳ ଭୁବନ ତ ସମସ୍ତ ପାରୁ ସାଧି ।୫୮ ।

-----------------------------

୪୮ ।୧ ପାଦ ଯେ ହୋଇଲା ଚନ୍ଦ୍ରମାସ ତୀଖ ମୂନା (ପା)
୫୧ ।୧ ହତ୍ୟାକୁ ବିମୋଚନ ଯେ ନ କଲେ ସଇନି । (ପା)

ବିଶ୍ୱାମିତ୍ରେ କହିଲେ ଯେ ବଶିଷ୍ଠଙ୍କର କଥା
ଲୋଡେଣ ହରି ମୁଂ ଆଣୁଥିଲି ତାଙ୍କର ଗୋ ମାତା ।୫୯ ।

ଅନେକ ରାଜା ମୁଂ ଜିଣିଲି ସାଂଗ୍ରାମେ
ଗୋ ମାତା ନାଶ କଲା ମୋର ସଇନି ଅନୁକ୍ରମେ ।୬୦ ।
ରାଜ୍ୟ ଭାର ମୋର କିଛି ନୋହିଲା ମହାଗ୍ୟାଂତା
ଧର୍ମ ବଳହିଂ ସେ ଅସଂଖ୍ୟ ବଳବନ୍ତା ।୬୧ ।
ପୋଡୁ ପୋଡୁ ରାଜ୍ୟ ମୋର ନାହିଂ ପ୍ରିୟୋଜନ ।
ୟେତେ ବୋଲି ଛାଡିଲା ସେ ରାଜ୍ୟ ଆଶାମାନ ।୬୨-୬୮୩୨ ।

*********